# କୃଷି ସୂଚନା ସେବା (ଧାନ)
## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

### ୨୦୧୭ ମସିହା ଅଗଷ୍ଟ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

### ବୁଣାଧାନ:

- ❖ ବର୍ଷାଶ୍ରିତ ସ୍ୱଳ୍ପଖାଲୁଆ ସିଧା ଛଟାବୁଣା ଯାଇଥିବା ଜମିରେ ଯଦି କୌଣସି ଘାସମରା ଔଷଧ ପ୍ରୟୋଗ କରାଯାଇନାହିଁ ତେବେ ବୁଣା ଧାନରେ ବେଉଷଣ କରନ୍ତୁ । ଯବକ୍ଷାରଜାନ ସାରର ଏକ ତୃତୀୟାଂଶ(୧୪ କି.ଗ୍ରା. ୟୁରିଆ/ଏକର) ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ଯେଉଁ ଜମିରେ ଫସଫରସ କିମ୍ବା ପଟାସ୍ ସାର ପଡିନାହିଁ ସେଥିରେ ଏକର ପ୍ରତି ୮ କି.ଗ୍ରା. ହିସାବରେ ଫସଫରସ୍ ଏବଂ ୮ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗ କରନ୍ତୁ ।
- ❖ ବର୍ଷାଶ୍ରିତ ଉଚ୍ଚାଜମିରେ ଦ୍ୱିତୀୟ ଏବଂ ଶେଷଥର ଘାସ ବାଛିବା ପରେ ଏକ ତୃତୀୟାଂଶ ଯବକ୍ଷାରଜାନ (୧୨ କି.ଗ୍ରା ୟୁରିଆ/ଏକର) ଥୋଡସାର ଭାବେ ପ୍ରୟୋଗ କରନ୍ତୁ ।

### ରୁଆ ଧାନ:

- ❖ ଜମି ଓଦାଳିଆ ଥିଲେ କିମ୍ବା ୨-୩ ସେ.ମି. ଠିଆ ପାଣିଥିବା ବର୍ଷାଶ୍ରିତ ରୁଆଧାନରେ ଧାନ ରୋଇବାର ୮ ରୁ ୧୦ ଦିନ ପରେ ବାଲୁଙ୍ଗା (୨ ରୁ ୩ ପତ୍ର ବିଶିଷ୍ଟ ବାଲୁଙ୍ଗା ଗଛ) ଦମନ ପାଇଁ ବେନସଲଫ୍ୟୁରାନ୍ ମିଥାଇଲ୍ + ପ୍ରେଟିଲାକ୍ଲୋର(Ready-mix) ଦାନାଦାର (ଲୋଣ୍ଡାକ୍ସ ପାଓ୍ୱାର/Erase Strong @ ୪ କି.ଗ୍ରା./ଏକର) ୧୨ କି.ଗ୍ରା. ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ ।
- ❖ ଜଳସେଚିତ ଜମିରେ ଧାନ ରୁଆ ୧୫ ଦିନ ପରେ ୩-୪ ପତ୍ରବିଶିଷ୍ଟ ଘାସ ଦମନ ପାଇଁ ଆଜିମ୍ ସଲଫ୍ୟୁରାନ୍ ୫୦ DF @ ୨୮ ଗ୍ରାମ/ଏକର ୧୪୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଘାସମରା ଔଷଧ ଭଲଭାବେ କାମ କରିବା ପାଇଁ ସେଥିରେ ସାବୁନ ପାଣି(surfectant) ୨୫୦ ମି.ଲି/ଏକର ହିସାବରେ ମିଶାଇ ବ୍ୟବହାର କରନ୍ତୁ ।
- ❖ ଧାନରୁଆର ୨୦-୨୫ ଦିନ ପରେ ପିଲସାର ଭାବେ ଏକ ତୃତୀୟାଂଶ ଯବକ୍ଷାରଯାନ ସାର(ଅଧିକ ଅମଳକ୍ଷମ ଧାନ କିସମ ପାଇଁ ୨୪ କି.ଗ୍ରା. ୟୁରିଆ ଏବଂ ଶଙ୍କର ଧାନ ପାଇଁ ୨୮ କି.ଗ୍ରା. ୟୁରିଆ) ପ୍ରତି ଏକର ହିସାବରେ ପ୍ରୟୋଗ କରନ୍ତୁ ।

- କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ ରୁଆଧାନରେ ଏକର ପିଛା ୩ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତ୍ର ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଯନ୍ତ୍ରପ୍ରତି ୪ ରୁ ୫ ଟି ହୋଇଯିବ, ରାଇନାକ୍ସିପାର ୦.୪ ଜି ଏକର ପିଛା ୪ କି.ଗ୍ରା ହିସାବରେ ୧:୧ ଅନୁପାତରେ ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ ।
- ବହୁତ ଖରା ପରେ ପ୍ରବଳ ବର୍ଷା ହେଲେ ଲେଦା ପୋକର ପ୍ରାର୍ଦୁଭାବ ଦେଖାଯାଏ । ଏହାର ଦମନ ପାଇଁ କ୍ଲୋରୋପାଇରିଫସ୍ ୨୦EC ଏକ ଲିଟର ପାଣିରେ ୫ ମି.ଲି. କିମ୍ବା ଟ୍ରାଇଯୋଫସ୍ ୪୦ EC ୨.୫ମି.ଲି./ଲିଟର ପାଣିରେ ଗଛର ପତ୍ର ଉପରେ ସିଞ୍ଚନ କରନ୍ତୁ । ପ୍ରତି ଏକର ପିଛା ୨୦୦ ଲିଟର ପାଣି ସିଞ୍ଚନ ପାଇଁ ବ୍ୟବହାର କରନ୍ତୁ । ବନ୍ୟା ଅଞ୍ଚଳରେ ଧାନରେ ବିରହା ପୋକ ଏବଂ ନଳୀପୋକ ଲାଗିବାର ସମ୍ଭାବନା ଥାଏ ସେଥିପାଇଁ ଯତ୍ନବାନ ହେବା ସହିତ କୀଟନାଶକ ଔଷଧ ପ୍ରୟୋଗ କରିବା ଆବଶ୍ୟକ ।
- ବ୍ୟାକ୍ଟେରିଆ ଜନିତ ପତ୍ରପୋଡା ରୋଗର ଦମନ ପାଇଁ ପ୍ରତି ଲିଟର ପାଣିରେ ପ୍ଲାଣ୍ଟୋମାଇସିନ୍ ୧ ଗ୍ରାମ ସହିତ ୧ ଗ୍ରାମ କପର ଅକ୍ସିକ୍ଲୋରାଇଡ ମିଶାଇ ସିଞ୍ଚନ କରିବା ଦରକାର, ଏକ ଏକର ଜମି ପାଇଁ ୨୦୦ ଲିଟର ହିସାବରେ ପାଣି ଆବଶ୍ୟକ ହୋଇଥାଏ । ଯଦି ପଟାସ୍ ସାର ପ୍ରୟୋଗ ନ ହୋଇଥିବ ତେବେ ପ୍ରତି ଏକର ପିଛା ୮ ରୁ ୧୦ କି.ଗ୍ରା. ହିସାବରେ ପ୍ରୟୋଗ କରନ୍ତୁ ।

******